# ରେଭେନ୍ସା-ଆମେରିକାନ୍ ବିଶ୍ୱବିଦ୍ୟାଳୟ ସହବନ୍ଧନ

Khabara 8 Jan 2010

## ରେଭେନ୍ସା ବିଶ୍ୱବିଦ୍ୟାଳୟରେ ହେବ ହ୍ୟୁମାନିଟିଜ୍ ରିସର୍ଚ୍ଚ ସେଣ୍ଟର



କଟକ,(ନି.ପ୍ର.): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ହ୍ୟୁମାନ ଷ୍ଟଡିଜ୍ ଉପରେ ଏକ ଗବେଷଣା କେନ୍ଦ୍ର ସ୍ଥାପନ କରାଯିବ । ରେଭେନ୍ସା ବିଶ୍ୱବିଦ୍ୟାଳୟ ଏବଂ ଆମେରିକାନ ବିଶ୍ୱବିଦ୍ୟାଳୟ, ୱାଶିଂଟନର ମିଳିତ ସହଯୋଗରେ ଏହି ଗବେଷଣା କେନ୍ଦ୍ର ୨୦୧୧ରେ କାର୍ଯ୍ୟକ୍ଷମ ହେବ ବୋଲି ରେଜିଷ୍ଟ୍ରାର ମଳୟ ମହାନ୍ତି ସୂଚନା ଦେଇଛନ୍ତି । ଆମେରିକା ବିଶ୍ୱବିଦ୍ୟାଳୟର ପ୍ରଫେସର ଅମିତାଭ ଆଚାର୍ଯ୍ୟଙ୍କ ନେତୃତ୍ୱରେ ୫ଜଣ ଛାତ୍ରୀ ଏବଂ ୨ଜଣ ଛାତ୍ର ଷ୍ଟଡି ଟୁର ପାଇଁ ଓଡ଼ିଶା ଆସି ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ । ହ୍ୟୁମାନ ସିକ୍ୟୁରିଟି ଇନ୍ ଇଣ୍ଡିଆ ଉପରେ ଗବେଷଣା କରିବା ପାଇଁ ଏହି ପ୍ରତିନିଧି ଦଳ ଭାରତ ଆସିଥିଲେ । ଦିଲ୍ଲୀରେ ୭ଦିନ ରହିବା ପରେ ଏହି ପ୍ରତିନିଧି ଦଳ ଓଡ଼ିଶା ଆସିଥିଲେ । ପୁରୀ, କୋଣାର୍କ ଏବଂ ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ ପରିଦର୍ଶନ କରି ସେମାନେ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଗୁରୁବାର ଦିନ ଆସି ପହଞ୍ଚିଥିଲେ । ଓଡ଼ିଶାର କଳାକୀର୍ତ୍ତିକୁ ସେମାନେ ଭୂୟସୀ ପ୍ରଶଂସା କରିବା ସଂଗେ ସଂଗେ ଓଡ଼ିଶାର କଳା ସଂସ୍କୃତି ଉଚ୍ଚକୋଟିର ବୋଲି ସେମାନେ ମତ ଦେଇଥିଲେ । ରେଭେନ୍ସା ବିଶ୍ୱବିଦ୍ୟାଳୟର ପରିସର ବୁଲିବା ସହିତ ରେଭେନ୍ସା ପାଠାଗାର, ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ପରୀକ୍ଷା କେନ୍ଦ୍ର ମଧ୍ୟ ବୁଲିଥିଲେ । ଆମେରିକୀୟ ବିଶ୍ୱବିଦ୍ୟାଳୟ ସହିତ ଯୋଗାଯୋଗ କରି ଏହି ପ୍ରତିନିଧି ଦଳ ସେଠାକାର କେତେକ ଛାତ୍ରଛାତ୍ରୀ ମାନଙ୍କୁ ରେଭେନ୍ସାରେ ଅନ୍ୟୁନ୍ୟ ଗୋଟିଏ ସେମିଷ୍ଟାର ପାଇଁ ପାଠ ପଢିବା ପାଇଁ ସୁଯୋଗ ଦେବା ନିମନ୍ତେ ପ୍ରସ୍ତାବ ଦେବେ ବୋଲି ସୂଚନା ଦେଇଥିଲେ ।

ସୂଚନାଯୋଗ୍ୟ ଯେ ଏବେ ବିଦେଶର ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ରେଭେନ୍ସା ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରେ ଅଧ୍ୟୟନ କରୁଛନ୍ତି ।

ଆସନ୍ତା ୧୬ତାରିଖ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଉପଦେଷ୍ଟା କମିଟିର ସଦସ୍ୟ ସାମ ପେଟ୍ରୋଡା ରେଭେନ୍ସା ବିଶ୍ୱବିଦ୍ୟାଳୟ ଆସିବେ ବୋଲି ରେଜିଷ୍ଟ୍ରାର ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି ।


**CHANGE OF NAME**

I OHMKAR PANDA HAVE CHANGED MY NAME TO OMMKAR PANDA BY VIRTUE OF AN AFFIDAVIT SWORN BEFORE NOTARY PUBLIC, BHUBANESWAR. HENCEFORTH I SHALL BE KNOWN AS OMMKAR PANDA FOR ALL PURPOSES.

-OMMKAR PANDA


## ଦ୍ୱୈତ ନଗରୀରେ ସଡ଼କ

## ୪ଟି ମୋଟରସାଇକେଲ ସହ ପୁଲିସ ଧରିଲା ୪ ଡକାୟତ

କଟକ, (ନି.ପ୍ର.): ଡକାୟତି କରିବା ପାଇଁ ଯୋଜନା ... ଏକ ହୋଣ୍ଡା ୟୁନିକର୍ନ, ଗୋଟିଏ ପ୍ୟାସନ ପ୍ଲସ ଏବଂ ଗୋଟିଏ


ଜନ୍ମଦିନ ଶୁଭେଚ୍ଛା